ମେସର୍ସ ଲକ୍ଷ୍ମଣି ଷ୍ଟୋନ୍ ପ୍ରଡକ୍ଟସ୍ ଏବଂ ଅନ୍ୟମାନେ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଜାନୁଆରୀ 30, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଏସ୍. ଏନ୍. ବାରିଆଭା, ନ୍ୟାୟମୂର୍ତ୍ତିଦ୍ୱୟ]

*କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ, 1952— ଧାରା (3) (b), 4, 7 (1)— ପଥର ଖାଦାନକୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ ଲାଗୁ କରି ଅଧିସୂଚନା ଜାରି କରାଯାଇଛି — ଆବେଦନକାରୀ ପଥର ଖାଦାନ ବ୍ୟବସାୟ ଚଳାନ୍ତି ଯାହାକୁ ପରେ ହାତ ଦ୍ୱାରା ଖୋଦେଇ କରି କିମ୍ବା ବଜାରକୁ ଛାଡିବା ପୂର୍ବରୁ ଏକ ଯାନ୍ତ୍ରିକ କ୍ରସର ବ୍ୟବହାର କରି ଆକାର ଦିଆଯାଉଥିଲା— ନିର୍ଣ୍ଣୟ ହୋଇଛି, ଆବେଦନକାରୀ ଏହି ଅଧିନିୟମର ପରିସରଭୁକ୍ତ ଅଟନ୍ତି, କାରଣ ଆବେଦନକାରୀଙ୍କ ମୁଖ୍ୟ କାର୍ଯ୍ୟ ହେଉଛି ପଥର ଖନନ କରିବା ଏବଂ ସେହି ପଥରଗୁଡ଼ିକୁ ଛୋଟ ଆକାରରେ ପରିଣତ କରିବା ପ୍ରକ୍ରିୟା ହେଉଛି ଏକ ସହାୟକ ଏବଂ ଆନୁଷଙ୍ଗିକ କାର୍ଯ୍ୟ—କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଯୋଜନା, 1952— ଖଣି ଏବଂ ଖଣିଜ ପଦାର୍ଥ (ନିୟନ୍ତ୍ରଣ ଏବଂ ବିକାଶ) ଅଧିନିୟମ, 1952 ।*

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ, **1952** ର ଧାରା **1 (3) (b)** ଅନୁଯାୟୀ ଏକ ଅଧିସୂଚନା ଜାରି କରାଯାଇଥିଲା, ଯାହା ପଥର ଗୋଡି, ଚଉକା ପଥର, ବଡ଼ ପଥର ଏବଂ ରେଳ ଧାରଣା ଗୋଡି ଉତ୍ପାଦନ କରୁଥିବା 'ପଥର ଖାଦାନ' ଉପରେ ଏହି ଆଇନ ପ୍ରୟୋଗ କରିଥିଲା । ତଦନୁସାରେ, ଏହି ଯୋଜନାର ସଂଶୋଧନ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଯୋଜନା, **1952** ନାମରେ ସମାନ ବ୍ୟବସ୍ଥାର ଅନ୍ତର୍ଭୁକ୍ତିକରଣ ଦ୍ୱାରା, ଅଧିନିୟମର ଧାରା **7 (1)** ଅନୁଯାୟୀ ଏକ ଅଧିସୂଚନା ଜାରି କରାଯାଇଥିଲା । ପଥର ଖାଦାନ ବ୍ୟବସାୟ କରୁଥିବା ଏବଂ ପରେ ସେହି ପଥରଗୁଡ଼ିକୁ ଛୋଟ ଛୋଟ ଆକାରରେ କାଟି ଗୋଡ଼ିରେ ପରିଣତ କରୁଥିବା ଜଣେ ଆବେଦନକାରୀ, ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଯୁକ୍ତି ଦର୍ଶାଇଥିଲେ ଯେ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ ପଥର ଖାଦାନ ଶିଳ୍ପ ପ୍ରତି ଲାଗୁ ହେବ ନାହିଁ, କାରଣ ଏହି ଆଇନର ଅନୁସୂଚୀରେ ପଥର ଖାଦାନକୁ ସାମିଲ କରିବା ପାଇଁ କୌଣସି ଅଧିସୂଚନା ଜାରି କରାଯାଇ ନାହିଁ । ଉକ୍ତ ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଥିବାରୁ, ଆବେଦନକାରୀ ବର୍ତ୍ତମାନର ଏହି ଆବେଦନ ଆଗତ କରିଛନ୍ତି ।

ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ **1.** ଖଣି ଏବଂ ଖଣିଜ ପଦାର୍ଥ (ନିୟନ୍ତ୍ରଣ ଏବଂ ବିକାଶ) ଅଧିନିୟମ, **1952** ର ପ୍ରାବଧାନ ଅନୁଯାୟୀ ଆବେଦନକାରୀମାନେ ପଥର ଖନନ ଏବଂ ଗୁଣ୍ଡ କରିବା ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ପଟ୍ଟାଦାର ଅଟନ୍ତି । ଆବେଦନକାରୀଙ୍କ ମୁଖ୍ୟ କାର୍ଯ୍ୟ ହେଉଛି ପଥର ଖାଦାନରୁ ପଥର ବାହାର କରିବା ଏବଂ ଏହାପରେ ବଜାରରେ ବିକ୍ରି କରିବା ପୂର୍ବରୁ ସେଗୁଡ଼ିକୁ ହାତରେ କିମ୍ବା ମେସିନ ସାହାଯ୍ୟରେ ଉପଯୁକ୍ତ ଆକାରରେ କାଟିବା ବା ଛୋଟ ଛୋଟ ଖଣ୍ଡ କରିବା ହେଉଛି ଏକ ସହଯୋଗୀ ଓ ଆନୁଷଙ୍ଗିକ କାର୍ଯ୍ୟ, ଯାହାକି ପଥର ଖାଦାନ ଚଳାଇବା ଭଳି ପ୍ରାଥମିକ କାର୍ଯ୍ୟ ସହିତ ଜଡ଼ିତ । ଜଣେ ଆବେଦନକାରୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟଗୁଡ଼ିକ ପରସ୍ପରଠାରୁ ଅଲଗା ନୁହେଁ, ବରଂ ସେଗୁଡ଼ିକ ପରସ୍ପର ସହ ଓତପ୍ରୋତ ଭାବେ ଜଡ଼ିତ ଏବଂ ଏକ ନିରନ୍ତର ପ୍ରକ୍ରିୟାର ଅଂଶ ବିଶେଷ ଅଟେ । ତେଣୁ, ଆବେଦନକାରୀମାନେ ଏକ ଉତ୍ପାଦନ ପ୍ରକ୍ରିୟାରେ

**ନିୟୋଜିତ ଅଛନ୍ତି ଏବଂ ଏଭଳି ଏକ ପ୍ରତିଷ୍ଠାନ ଚଳାଉଛନ୍ତି, ଯାହାକୁ ଅଧିସୂଚନା ଦ୍ୱାରା ଏହି ଅଧିନିୟମରେ ଯଥାର୍ଥ ଭାବେ ପରିସରଭୁକ୍ତ କରାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 5827/1998

3.11.92 ତାରିଖରେ ପାଟନା ଉଚ୍ଚ ନ୍ୟାୟାଳୟଙ୍କ ସି.ଡବ୍ଲୁ.ଜେ.ସି ସଂଖ୍ୟା 2153/1982 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଏଚ୍. କେ. ପୁରୀ, ଏସ୍. କେ. ପୁରୀ, ରାଜେଶ ଶ୍ରୀବାସ୍ତବ, ଉଜ୍ଜ୍ୱଳ ବାନାର୍ଜୀ ଏବଂ ସୁଶ୍ରୀ ଅନିନ୍ଦିତା ଗୁପ୍ତା ଆବେଦନକାରୀଙ୍କ ପାଇଁ ।

ସୁଶ୍ରୀ ବିନା ମାଧବନ, ଅଜୟ ଶର୍ମା, ସି. ରାଧା କ୍ରୀଷ୍ଣ ଏବଂ ଅରବିନ୍ଦ କୁମାର ଶର୍ମା ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁଙ୍କ ଦ୍ୱାରା** । ଫେବୃଆରୀ 12,1977 ରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ, 1952 ର ଧାରା 1 (3) (b) ଅନୁଯାୟୀ ଏକ ଅଧିସୂଚନା ଜାରି କରାଯାଇଥିଲା, (ଏହା ପରେ 'ଅଧିନିୟମ' ଭାବରେ ସୂଚିତ ହୋଇଛି) ଯେଉଁଥିରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ଅଧିସୂଚନାରେ ଉଲ୍ଲିଖିତ କେତେକ ପ୍ରତିଷ୍ଠାନ ଏହି ଅଧିନିୟମ ଦ୍ୱାରା ଅନ୍ତର୍ଭୁକ୍ତ ହେବେ ଏବଂ ଅନ୍ୟାନ୍ୟ ବିଷୟ ମଧ୍ୟରେ, ଏହି ଅଧିନିୟମ ପଥର ଗୋଡି, ଚଉକା ପଥର, ପଥର ଖଣ୍ଡ ଏବଂ ରେଳ ଧାରଣା ଗୋଡି ଉତ୍ପାଦନ କରୁଥିବା 'ପଥର ଖାଦାନ' ପାଇଁ ପ୍ରଯୁଜ୍ୟ ହେବ । 19 ଫେବୃଆରୀ, 1977 ମସିହାରେ ଏହି ଅଧିନିୟମର ଧାରା 7 (1) ଅନୁଯାୟୀ ଏକ ଅଧିସୂଚନା ଜାରି କରାଯାଇଥିଲା, ଯେଉଁଥିରେ ସମାନ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଯୋଜନା, 1952 ରେ ସଂଶୋଧନ କରାଯାଇଥିଲା।ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଏକ ଆଜ୍ଞାଦେଶ ଆବେଦନରେ ଆବେଦନକାରୀଙ୍କ ଦ୍ୱାରା ଏକ ଯୁକ୍ତି ଉଠାଯାଇଥିଲା ଯେ ଅଧିନିୟମର ଅନୁସୂଚୀରେ 'ପଥର ଖାଦାନ' ସମେତ ଅଧିନିୟମର ଧାରା 4 ଅନୁଯାୟୀ କୌଣସି ଅଧିସୂଚନା ଜାରି କରାଯାଇ ନାହିଁ । ଅଧିନିୟମର ଧାରା 4 ଅନୁଯାୟୀ କୌଣସି ଅଧିସୂଚନା ଜାରି କରାଯାଇ ନଥିବାରୁ, ଏହି ଯୁକ୍ତି କରାଯାଇଛି ଯେ ପଥର ଖାଦାନ ଶିଳ୍ପ ପାଇଁ ଏହି ଅଧିନିୟମର କୌଣସି ପ୍ରୟୋଗ ନାହିଁ । ତେବେ, ସେହି ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଥିଲା ।ଏହି ଅଦାଲତଙ୍କ ଅନୁମତି ମଞ୍ଜୁର ଦ୍ୱାରା ଏହି ଆବେଦନ ଦାଖଲ କରାଯାଇଛି ।

ଉଚ୍ଚ ନ୍ୟାୟାଳୟ ଏହି ମତ ଗ୍ରହଣ କରିଥିଲେ ଯେ, ଆବେଦନକାରୀ ଜଣକ ଏକ ଖଣି ଦଖଲ ମିଆଦି ଅନୁମତି ପତ୍ର ଅଧୀନରେ ପଥର ଖାଦାନ ବ୍ୟବସାୟ କରୁଥିଲେ ଏବଂ ବିସ୍ଫୋରକ ସାହାଯ୍ୟରେ ଖାଦାନରେ ପଥର ବିସ୍ଫୋରଣ କରି ଏହି କାର୍ଯ୍ୟ କରାଯାଉଥିଲା, ଯାହାକୁ ପରବର୍ତ୍ତୀ ସମୟରେ ହାତରେ ଛେଚି କିମ୍ବା ମେସିନ୍ କ୍ରସର ବ୍ୟବହାର କରି ଆକାର ଦିଆଯାଉଥିଲା, ଯାହା ଫଳରେ ପଥର ଗୋଡି ବାହାରୁଥିଲା । ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକଳାପ ବିଚ୍ଛିନ୍ନ କାର୍ଯ୍ୟକଳାପ ନୁହେଁ, ବରଂ ପରସ୍ପର ସହିତ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଏବଂ ଏକ ନିରନ୍ତର ପ୍ରକ୍ରିୟାର ଅଂଶବିଶେଷ ଏବଂ ଆବେଦନକାରୀ ଏକ କାରଖାନା ଚଳାଉଛନ୍ତି ବୋଲି ଯେଉଁ ଦାବି କରିଥିଲେ, ତାହା ଗ୍ରହଣ କରାଯାଇ ନଥିଲା । ଉଚ୍ଚ ନ୍ୟାୟାଳୟ ଲକ୍ଷ୍ୟ କରିଛନ୍ତି ଯେ ଆବେଦନକାରୀ ଏକ ପଥର ଖାଦାନ ପ୍ରତିଷ୍ଠାନ ଚଳାଉଛନ୍ତି, ଯାହାକୁ କି ଏହି ଅଧିନିୟମର ପରିସରଭୁକ୍ତ କରାଯାଇଛି ଏବଂ ଯେହେତୁ ପଥରକୁ ଛୋଟ ଛୋଟ ଆକାରରେ ପରିଣତ କରିବା ପ୍ରକ୍ରିୟାଟି ମୁଖ୍ୟ କାର୍ଯ୍ୟ ସହିତ ଜଡ଼ିତ ଏକ ସହାୟକ ବା ଆନୁଷଙ୍ଗିକ କାର୍ଯ୍ୟ, ତେଣୁ ଉଚ୍ଚ ନ୍ୟାୟାଳୟ ଏହି ମତ ଦେଇଛନ୍ତି ଯେ ଏହା ଏକ

'ପ୍ରତିଷ୍ଠାନ' ଅଟେ ଯାହାକୁ 12 ଫେବୃଆରୀ 1977 ଏବଂ 19 ଫେବୃଆରୀ 1977 ରେ ଜାରି କରାଯାଇଥିବା ଅଧିସୂଚନା ମାଧମରେ ଏହାକୁ ଏହି ଆଇନର ପରିସରଭୁକ୍ତ କରାଯାଇଛି ।

ମାମଲାର ତଥ୍ୟରେ, ଏହା ସ୍ୱୀକାରଯୋଗ୍ୟ ଯେ ଖଣି ଏବଂ ଖଣିଜ ପଦାର୍ଥ (ନିୟନ୍ତ୍ରଣ ଏବଂ ବିକାଶ) ଅଧିନିୟମ, 1952 ର ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଅଧୀନରେ ଆବେଦନକାରୀମାନେ ପଥର ଖନନ ଏବଂ ଭାଙ୍ଗିବା ପାଇଁ ପଟ୍ଟାଧାରୀ ଅଟନ୍ତି । ତେଣୁ, ଆବେଦନକାରୀମାନେ ଏକ ଉତ୍ପାଦନ ପ୍ରକ୍ରିୟାରେ ନିୟୋଜିତ ଅଛନ୍ତି ଯାହା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଯଥାର୍ଥ ଭାବରେ କୁହାଯାଇଛି । ଏହା ସ୍ପଷ୍ଟ ଯେ ଆବେଦନକାରୀଙ୍କର ମୁଖ୍ୟ କାର୍ଯ୍ୟ ହେଉଛି ପଥର ଖନନ କରିବା ଏବଂ ବଜାରରେ ବିକ୍ରି କରିବା ପୂର୍ବରୁ ସେଗୁଡ଼ିକୁ ହାତରେ କିମ୍ବା ମେସିନ ସାହାଯ୍ୟରେ ଉପଯୁକ୍ତ ଆକାରରେ କାଟିବା ବା ଛୋଟ ଛୋଟ ଖଣ୍ଡ କରିବା, ଯାହାକି ଏକ ପଥର ଖାଦାନ ଚଲାଇବାର ପ୍ରାଥମିକ କାର୍ଯ୍ୟ ସହିତ ଜଡ଼ିତ ଏକ ସହାୟକ ଏବଂ ଆନୁଷଙ୍ଗିକ କାର୍ଯ୍ୟ ଅଟେ । ମାମଲାର ସେହି ଦୃଷ୍ଟିକୋଣରୁ, ଆମେ ଏହି ଆବେଦନରେ କୌଣସି ମର୍ମ ପାଇନାହୁଁ ଏବଂ ସେହି ଆବେଦନକୁ ଖାରଜ କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଏମ୍. ପି. ଆବେଦନକୁ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।